ୟୁ. ପି. ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ଟି. ପି. ଲାଲ ଶ୍ରୀବାସ୍ତବ

20 ସେପ୍ଟେମ୍ବର, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଆତ୍ମସାତକରଣ ଅଭିଯୋଗରେ ଚାକିରିରୁ ବରଖାସ୍ତ – ଗୁରୁତର ଅନିୟମିତତା ପାଇଁ ଦୋଷାରୋପ ଫର୍ଦ୍ଦ – ଅନେକ ଚିଠି ସତ୍ତ୍ୱେ କର୍ମଚାରୀ ନିଜର ଉତ୍ତର ଉପସ୍ଥାପନ କରିନଥିଲେ – ନିଯୁକ୍ତିଦାତା କର୍ମଚାରୀଙ୍କୁ ଆତ୍ମସାତକରଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ – କର୍ମଚାରୀ ଏହାକୁ ଆପତ୍ତି କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଦସ୍ତାବିଜ କର୍ମଚାରୀଙ୍କୁ ପ୍ରଦାନ କରାଯାଇନାହିଁ ଏବଂ ଆଇନର ତ୍ରୁଟି ଯୋଗୁଁ କାର୍ଯ୍ୟାନୁଷ୍ଠାନ ବ୍ୟର୍ଥ ହୋଇଛି – ଅପିଲରେ ଦର୍ଶାଯାଇଛି, ନିଯୁକ୍ତିଦାତା ତଦନ୍ତ କରିନଥିଲେ ଯଦିଓ କର୍ମଚାରୀ ପ୍ରତ୍ୟୁତ୍ତର ଦେବାକୁ ଏଡ଼ାଇ ଦେଇଥିଲେ – କର୍ମଚାରୀ ନିଜର ପ୍ରତ୍ୟୁତ୍ତର ଦାଖଲ କରିବାର ଅଧିକାରକୁ ତ୍ୟାଗ କରିଦେଇଥିଲେ – ତଥାପି ନିଯୁକ୍ତିଦାତା ଏକତରଫା ତଦନ୍ତ କରିବା କର୍ତ୍ତବ୍ୟରୁ ମୁକ୍ତ ହୋଇନଥିଲେ – ଶୃଙ୍ଖଳାଗତ କର୍ତ୍ତୃପକ୍ଷ ତଦନ୍ତ ବିବୃତିର ନକଲ ଯୋଗାଇବେ ଏବଂ କର୍ମଚାରୀଙ୍କ ଠାରୁ ଏକ ସ୍ପଷ୍ଟୀକରଣ ମାଗିବେ – ଏହା ପରେ ଆଇନ ଅନୁଯାୟୀ ଉପଯୁକ୍ତ ଆଦେଶ ପାରିତ ହେବ – ସେପର୍ଯ୍ୟନ୍ତ କର୍ମଚାରୀ ନିଲମ୍ବନରେ ଥିବାର ବିବେଚନା କରାଯିବ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12885/1996

ସି.ଏମ୍.ଡବ୍ଲ୍ୟୁ.ପି ସଂଖ୍ୟା 12480/1987ରେ ଆହ୍ଲାହାବାଦ ଉଚ୍ଚ ନ୍ୟାୟାଳୟର 15.3.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ. କେ. ଶ୍ରୀବାସ୍ତବଙ୍କ ପାଇଁ ଇରଶାଦ ଅହମ୍ମଦ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଯଦିଓ 25 ଜାନୁଆରୀ, 1995 ରେ ଉତ୍ତରଦାତାଙ୍କୁ ବିଜ୍ଞପ୍ତି ପଠାଯାଇଥିଲା, ଆଜି ପର୍ଯ୍ୟନ୍ତ କୌଣସି ପ୍ରାପ୍ତ ସ୍ୱୀକାର କିମ୍ବା ଗ୍ରହଣ କରିନଥିବାର ଦସ୍ତାବିଜ ଫେରସ୍ତ ହୋଇ ନାହିଁ । ଏହି ପରିସ୍ଥିତିରେ, ଉତ୍ତରଦାତାଙ୍କୁ ନୋଟିସ୍ ପ୍ରଦାନ କରାଯାଇଥିବା ବିବେଚନା କରାଯିବା ଆବଶ୍ୟକ । ତାଙ୍କୁ ଏକତରଫା ସ୍ଥିର କରାଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆମେ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ରିଟ୍ ଆବେଦନ ସଂଖ୍ୟା 12480/87ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 15 ମାର୍ଚ୍ଚ, 1993 ତାରିଖରେ କରାଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ଉତ୍ତରଦାତା ଜଣେ ବରିଷ୍ଠ ବିପଣନ ନିରୀକ୍ଷକ ଭାବରେ କାର୍ଯ୍ୟ କରୁଥିବାବେଳେ, ନଭେମ୍ବର 23, 1984 ରେ ତାଙ୍କ ଉପରେ ଏକ ଦୋଷାରୋପ ଫର୍ଦ୍ଦ ଜାରି କରାଯାଇଥିଲା, ଯେଉଁଥିରେ ତାଙ୍କୁ ୟୁ. ପି. ରାଜ୍ୟ ବାହାରେ ଗହମ ପରିବହନରେ ମୋଟ ଅନିୟମିତତା କରିଥିବା ଅଭିଯୋଗର ସ୍ପଷ୍ଟୀକରଣ ଦେବାକୁ ଆହ୍ୱାନ କରାଯାଇଥିଲା । ଦୋଷାରୋପ ଫର୍ଦ୍ଦର ପ୍ରତ୍ୟୁତ୍ତର ଉପସ୍ଥାପନ କରିବା ପରିବର୍ତ୍ତେ, ସେ ପ୍ରତ୍ୟୁତ୍ତର ଉପସ୍ଥାପନ କରିବାରେ ବିଳମ୍ବ କରିଥିଲେ । ଉତ୍ତରଦାତାଙ୍କୁ ସମ୍ବୋଧିତ ଅନେକ ଚିଠି ପ୍ରଭାବହୀନ ପ୍ରମାଣିତ ହେଲା । ଫଳସ୍ୱରୂପ, ଅପିଲକାରୀମାନେ ଜୁନ୍ 26, 1987 ରେ ଏହା ଦର୍ଶାଇ ଏକ ନିର୍ଣ୍ଣୟ ନେଇଥିଲେ ଯେ, ଉତ୍ତରଦାତା ଆତ୍ମସାତକରଣରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଫଳସ୍ୱରୂପ ସେ ଚାକିରିରୁ ବହିଷ୍କୃତ ହୋଇଥିଲେ । ଉତ୍ତରଦାତା ରିଟ୍ ଆବେଦନରେ ଏହାକୁ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ଆଦେଶରେ ଏହି ଆଦେଶକୁ ଏହା ଦର୍ଶାଇ ରଦ୍ଦ କରିଥିଲେ ଯେ, ଉତ୍ତରଦାତାଙ୍କୁ ଦସ୍ତାବିଜଗୁଡ଼ିକ ପ୍ରଦାନ କରାଯାଇ ନାହିଁ ଏବଂ ତେଣୁ ଆଇନର ତ୍ରୁଟି ଯୋଗୁଁ କାର୍ଯ୍ୟାନୁଷ୍ଠାନ ବ୍ୟର୍ଥ ହୋଇଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣରେ ଆମେ କୌଣସି ଯଥାର୍ଥତା ପାଉନାହୁଁ; ସିଦ୍ଧାନ୍ତର ଆଧାର ହେଉଛି ଯେ, ଅପିଲକାରୀମାନେ କୌଣସି ତଦନ୍ତ କରିନାହାଁନ୍ତି ଯଦିଓ ଉତ୍ତରଦାତା ପ୍ରତ୍ୟୁତ୍ତର ଦେବାକୁ ଏଡ଼ାଇ ଚାଲିଥିଲେ । ଯେହେତୁ ଉତ୍ତରଦାତା ପ୍ରତ୍ୟୁତ୍ତର ଉପସ୍ଥାପନ କରିବାକୁ ଏଡ଼ାଇ ଦେଇଥିଲେ, ସେ ତାଙ୍କର ପ୍ରତ୍ୟୁତ୍ତର ଦାଖଲ କରିବାର ଅଧିକାରକୁ ତ୍ୟାଗ କରିଦେଇଛନ୍ତି । ତଥାପି, ଅଭିଯୋଗ ପ୍ରମାଣିତ ହୋଇଛି କି ନାହିଁ ତାହା ଜାଣିବା ପାଇଁ ଏକ ଏକତରଫା ତଦନ୍ତ କରିବାର କର୍ତ୍ତବ୍ୟରୁ ଅପିଲକାରୀମାନେ ମୁକ୍ତ ନୁହଁନ୍ତି । ଯଦି ତଦନ୍ତ ଅଧିକାରୀ ଜାଣିବାକୁ ପାଆନ୍ତି ଯେ, ଅଭିଯୋଗ ପ୍ରମାଣିତ ହୋଇଛି, ତେବେ ସେ ସେହି ଲିଖିତ ବିବରଣୀକୁ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କୁ ଉପସ୍ଥାପନ କରିବେ । ଶୃଙ୍ଖଳାଗତ କର୍ତ୍ତୃପକ୍ଷ ତଦନ୍ତ ଲିଖିତ ବିବରଣୀର ନକଲ ଉତ୍ତରଦାତାଙ୍କୁ ଜଣାଇବା ଉଚିତ ଏବଂ ଏହା ଉପରେ ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟୀକରଣ ମାଗିବା ଉଚିତ । ଯଦି ଉତ୍ତରଦାତା କୌଣସି ସ୍ପଷ୍ଟୀକରଣ ଉପସ୍ଥାପନ କରନ୍ତି, ତେବେ ଏହାକୁ ବିଚାରକୁ ନିଆଯାଇପାରେ ଏବଂ ଆଇନ ଅନୁଯାୟୀ ଉପଯୁକ୍ତ ଆଦେଶ ପାରିତ କରାଯାଇପାରେ । ସେପର୍ଯ୍ୟନ୍ତ, ଉତ୍ତରଦାତା ନିଲମ୍ବିତ ବୋଲି ବିବେଚିତ ହେବା ଆବଶ୍ୟକ ।

ସେହି ଅନୁଯାୟୀ ଅପିଲକୁ ଅନୁମତି ଦିଆଯାଇଛି, କିନ୍ତୁ ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଜି. ଏନ୍. ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା

ଶିବାନୀ ଦାଶ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ